# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 October – 2026

**************************************

## ମୁଖ୍ୟ ସମ୍ବାଦ

- ଗଣତନ୍ତ୍ରରେ ଜନତାଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ପାଇଁ ଏସ୍.ଆଇ.ଆର୍. ଗୁରୁତ୍ୱପୂର୍ଣ୍ଣ; କହିଲେ ମୁଖ୍ୟମନ୍ତ୍ରୀ
- ନବରାତ୍ରର ଦ୍ୱିତୀୟ ଦିନରେ ଶ୍ରଦ୍ଧା ଓ ଭକ୍ତିର ସହ ଚାଲିଛି ମା' ବ୍ରହ୍ମଚାରିଣୀଙ୍କ ପୂଜାର୍ଚ୍ଚନା
- 'ସ୍ୱପ୍ନକୁ ପୂରଣ କର' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଗଣ୍ଡିବାତ ଦିବସ

ଏବଂ

- ଦକ୍ଷିଣ ଆଣ୍ଡାମାନ ସାଗରର ନିକଟବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି; ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ୯ଟି ଜିଲ୍ଲାକୁ ସତର୍କ ସୂଚନା

Desk

## ଏସ୍ଆଇଆର୍

ଗଣତନ୍ତ୍ରରେ ଜନତାଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ– ଏସ୍.ଆଇ.ଆର୍. ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏସ୍.ଆଇ.ଆର୍ ସମ୍ପର୍କରେ ମତାମତ ରଖି ଶ୍ରୀ ମାଝୀ କହିଛନ୍ତି, ନିର୍ବାଚନୀ ରେକର୍ଡ ନିର୍ଭରଯୋଗ୍ୟ ରଖିବା ଓ ସ୍ୱଚ୍ଛ, ସଠିକ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଏସ୍.ଆଇ.ଆର୍ ଆବଶ୍ୟକ। ନିର୍ଭୁଲ ଭୋଟର ତାଲିକା ନିଶ୍ଚିନ୍ତ କରିବା କେବଳ ପ୍ରଶାସନିକ ଆବଶ୍ୟକତା ନୁହେଁ, ଏହା ଗଣତନ୍ତ୍ରରେ ଜନତାଙ୍କ ବିଶ୍ୱାସ ସୁଦୃଢ଼ କରିବା କ୍ଷେତ୍ରରେ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏସ୍.ଆଇ.ଆର୍.ରେ ଯୋଗ୍ୟ ଭୋଟରଙ୍କୁ ସାମିଲ ଓ ଅଯୋଗ୍ୟଙ୍କୁ ବାଦ୍ ଦେବା ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି।

Jajpur/Desk

## ନବରାତ୍ରି

ଶାରଦୀୟ ନବରାତ୍ରରେ ନଅଦିନ ଧରି ମା’ ଦୁର୍ଗା ଏବଂ ତାଙ୍କର ୯ଟି ଭିନ୍ନସ୍ୱରୂପକୁ ବିଧିବିଧାନ ସହକାରେ ପୂଜା କରାଯିବାର ପରମ୍ପରା ରହିଅଛି। ଆଜି ମା’ଙ୍କ ଦ୍ୱିତୀୟ ସ୍ୱରୂପ ମା’ ବ୍ରହ୍ମଚାରିଣୀଙ୍କ ପୂଜା

କରାଯାଉଛି। ବ୍ରତଧାରୀମାନେ ନିଷ୍ଠାର ସହ ମା'ଙ୍କୁ ଉପାସନା କରୁଛନ୍ତି। ବ୍ରହ୍ମ ଅର୍ଥ ତପସ୍ୟା ଏବଂ ଚାରିଣୀ ଅର୍ଥ ତାହାର ଅନୁସରଣକାରୀ। ମା'ଙ୍କ ଏହି ସ୍ୱରୂପ ହେଉଛି ତପ, ତ୍ୟାଗ, ସଂଯମ ଓ ଅଟଳ ନିଷ୍ଠାର ପ୍ରତୀକ। ପୌରାଣିକ କଥା ଅନୁସାରେ, ଭଗବାନ ଶିବଙ୍କୁ ସ୍ୱାମୀରୂପେ ପ୍ରାପ୍ତ କରିବା ପାଇଁ ଦେବୀ ପାର୍ବତୀ କଠୋର ତପସ୍ୟା କରିଥିଲେ। ଦୀର୍ଘ ସାଧନା, ଅସୀମ ଧୈର୍ଯ୍ୟ ଓ ଅଟଳ ବିଶ୍ୱାସ ତାଙ୍କ ତପସ୍ୟାକୁ ଦେଇଥିଲା ଅନନ୍ୟ ପରିଚୟ। ତାଙ୍କର ସେହି ତପସ୍ୱିନୀ ସ୍ୱରପ ହିଁ ମା' ବ୍ରହ୍ମଚାରିଣୀ। ଗୋଟିଏ ହାତରେ ଜପମାଳା, ଅନ୍ୟ ହାତରେ କମଣ୍ଡଳୁ, ଆଉ ମୁଖରେ ଶାନ୍ତ ଓ ସ୍ନିଗ୍ଧଭାବ। ମା'ଙ୍କ ଏହି ରୂପ ଆମକୁ ମନେ ପକାଇଦିଏ। କୌଣସି କାର୍ଯ୍ୟରେ ସଫଳତା ପାଇଁ ନିଷ୍ଠା, ଧୈର୍ଯ୍ୟ ଓ ନିରନ୍ତର ପ୍ରୟାସ ଆବଶ୍ୟକ।

ନବରାତ୍ରର ଦ୍ୱିତୀୟ ଦିନରେ ମା' କଟକ ଚଣ୍ଡୀ ଆଜି ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଉଥିବାବେଳେ ମା' ଗଡ଼ଚଣ୍ଡୀ ବଗଳାମୁଖୀ ବେଶରେ ଓ ମା' ଝାଙ୍ଗିରୀମଙ୍ଗଳା ସରସ୍ୱତୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

ପୁରୀ ଶ୍ରୀମନ୍ଦିରରେ ଦୁର୍ଗାମାଧବଙ୍କ ଉପାସନା ଚାଲିଛି। ନାରାୟଣୀ ମନ୍ଦିରକୁ ଦୁର୍ଗାମାଧବ ବିଜେ କରିଛନ୍ତି। ଘଣ୍ଟ, ଛତା, କାହାଳୀରେ ଶ୍ରୀକ୍ଷେତ୍ରର ପରିବେଶ ମୁଖରିତ ହେଉଛି। ୮ ଦିନ ବ୍ୟାପୀ ଗୁପ୍ତଗୁଣ୍ଡିଚା ବିଜେ ନୀତି ଅନୁଷ୍ଠିତ ହେବ।

ଶାରଦୀୟ ଦୁର୍ଗାପୂଜାର ଅନନ୍ୟ ପରମ୍ପରା ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଷୋଡ଼ଶ ଦିବସୀୟ ଦୁର୍ଗୋତ୍ସବ ଆରମ୍ଭ ହେବା ସହ ନବଦିନାତ୍ମକ ରଥଯାତ୍ରା ଆରମ୍ଭ ହୋଇଛି ।

English Pool

# ସିଜେଆଇ ହ୍ୟୁମାନ୍ ରାଇଡ୍ସ

ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ହେଲେ ଅଦାଲତ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ଭାରତର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି । ନୂଆଦିଲ୍ଲୀରେ ଜାତୀୟ ମାନବାଧିକାର ଆୟୋଗର ୩୩ତମ ପ୍ରତିଷ୍ଠା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି ।

ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ମର୍ଯ୍ୟାଦା, ସମାନତା, ସ୍ୱାଧୀନତା ଓ ନ୍ୟାୟ ପ୍ରଦାନର ଅଧିକାର ଦେଇଛି ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି । ମାନବାଧିକାର ଆୟୋଗଗୁଡ଼ିକ ଅଭିଯୋଗର ତଦନ୍ତ କରିବା ସହ ବ୍ୟବସ୍ଥାଗତ ତ୍ରୁଟି ଚିହ୍ନଟ କରିବା ଏବଂ ଅବହେଳିତ ରହିଯାଉଥିବା ସମସ୍ୟାଗୁଡ଼ିକୁ ଉପଯୁକ୍ତ ଗୁରୁତ୍ୱ ଦେବା ଉଚିତ ବୋଲି ସେ ମତ ଦେଇଛନ୍ତି ।

ଗତ ୩୩ ବର୍ଷ ମଧ୍ୟରେ ଜାତୀୟ ମାନବାଧିକାର ଆୟୋଗ ୨୪ ଲକ୍ଷରୁ ଅଧିକ ମାମଲା ପଞ୍ଜୀକୃତ କରିଥିବାବେଳେ ୨୩ ଲକ୍ଷରୁ ଅଧିକ

ମାମଲାର ଫଇସଲା କରିଛି । ଏହାର ନିଷ୍ପତ୍ତି ହାର ୯୮ ପ୍ରତିଶତରୁ ଅଧିକ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସୂଚନା ଦେଇଛନ୍ତି ।

Subarnpur

## ସେବା ସଂକଳ୍ପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି । 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି । 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି । ସେବାସଂକଳ୍ପର ଆଜିର ଧାରାବାହିକରେ **"ଷ୍ଟାର୍ଟଅପ୍ ଇଣ୍ଡିଆ"** ସମ୍ପର୍କରେ ଅଧିକ ସୂଚନା ଦେଇଛନ୍ତି ଆମ ଭୁବନେଶ୍ୱର ସମ୍ବାଦଦାତା ଦୀପକ ବେହେରା ।

**- V/O –**

Desk

## ବିଶ୍ୱ ଗଣ୍ଠିବାତ ଦିବସ

ଆଜି ୱାର୍ଲଡ ଆଥ୍ରାଇଟ୍ସ ଡେ ବା ବିଶ୍ୱ ଗଣ୍ଠିବାତ ଦିବସ । ପ୍ରତି ବର୍ଷ ଅକ୍ଟୋବର ୧୨ ତାରିଖରେ ଏହି ଦିବସ ପାଳନ କରାଯାଏ । ଚଳିତ ବର୍ଷର

ବାର୍ତ୍ତା ରହିଛି 'ସ୍ୱପ୍ନକୁ ପୂରଣ କର'। ଗଣ୍ଠିବାତ ରୋଗ ପ୍ରତି ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୂଳଲକ୍ଷ୍ୟ। ୧୯୯୬ ମସିହାରେ ପ୍ରଥମଥର ପାଇଁ ବିଶ୍ୱ ଗଣ୍ଠିବାତ ଦିବସ ପାଳନ କରାଯାଇଥିଲା। ବର୍ତ୍ତମାନ ସମୟରେ ଆଣ୍ଠୁଗଣ୍ଠିବାତ ସମସ୍ୟା ବିଶ୍ୱର ପ୍ରମୁଖ ସମସ୍ୟାଭାବେ ଉଭା ହୋଇଛି। ଆର୍ଥ୍ରାଇଟ୍ସ ଏକ ଖଞ୍ଜାଜନିତ ସମସ୍ୟା। ଖଞ୍ଜାରେ କୌଣସି ପ୍ରକାର ସମସ୍ୟା ଦେଖାଗଲେ ଏହା ମଣିଷକୁ ଚଳପ୍ରଚଳରେ ଅସୁବିଧା ସୃଷ୍ଟି କରିଥାଏ। ଆର୍ଥ୍ରାଇଟ୍ସ ରୋଗଠୁ ଦୂରେଇ ରହିବା ଓ ଏହା ସହ ମୁକାବିଲା କରିବା ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ଏ ନେଇ ଦୈନିକ ବ୍ୟାୟମ କରିବା ସହ କିଛି ସମୟ ଚଲାବୁଲା କରିବା ଆବଶ୍ୟକ।

Puri

## ସେବା ସଂକଳ୍ପ ଅଭିଯାନ

ପୁରୀକୁ ସ୍ୱଚ୍ଛ ରଖିବା ସହ ସହରକୁ ପଲିଥିନ ଓ ଆବର୍ଜନାମୁକ୍ତ କରିବା ପାଇଁ ସାମୂହିକ ଦାୟିତ୍ୱ ଆବଶ୍ୟକ ବୋଲି ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେବା ସଂକଳ୍ପ ଅଭିଯାନ ଅଧୀନରେ ପୁରୀରେ ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଚ୍ଛତାକୁ ଏକ ଜନଆନ୍ଦୋଳନରେ ପରିଣତ କରିଛନ୍ତି। ସ୍ୱଚ୍ଛତା ଓ ନିଷ୍ଠା ମାଧ୍ୟମରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ସଂକଳ୍ପ ସାକାର ହୋଇପାରିବ। ପ୍ଲାଷ୍ଟିକ ଓ ପଲିଥିନ ପରିବେଶ, ଗୋସମ୍ପଦ ଓ ସମୁଦ୍ର ଜୀବଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସ୍ୱଚ୍ଛତାକୁ

ଏକ ନିୟମିତ ସାମାଜିକ ଅଭ୍ୟାସ ଓ ସଂସ୍କାରରେ ପରିଣତ କରିବା ସହିତ ଏ ଦିଗରେ ସଚେତନତା ସୃଷ୍ଟି କରିବାକୁ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ସ୍ଥାନୀୟ ସାଂସଦ ସମ୍ବିତ ପାତ୍ର ଓ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଜନପ୍ରତିନିଧି ଓ ସ୍ୱେଚ୍ଛାସେବୀମାନେ ଯୋଗଦେଇ ପୁରୀ ବଡ଼ଦାଣ୍ଡ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରକୁ ସଫେଇ କରିଥିଲେ।

Desk

## ଅକ୍ଷୟ ମହାନ୍ତି

ଓଡ଼ିଆ ସଂଗୀତ ଜଗତର ପ୍ରସିଦ୍ଧ ସଂଗୀତଜ୍ଞ, ଗାଳ୍ପିକ, ଓ ଔପନ୍ୟାସିକ ଅକ୍ଷୟ ମହାନ୍ତିଙ୍କର ଆଜି ଜୟନ୍ତୀରେ ସଂଗୀତପ୍ରେମୀ, କଳାକାର ଓ ଜନସାଧାରଣ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ଲୋକପ୍ରିୟ କଣ୍ଠଶିଳ୍ପୀ ମହାନ ସଂଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀ ଉପଲକ୍ଷେ ଶୁଣନ୍ତୁ ସ୍ୱତନ୍ତ୍ର ଉପସ୍ଥାପନା....

ଓଡ଼ିଆ ସଂଗୀତ ଜଗତର ମୁକୁଟବିହୀନ ସମ୍ରାଟ ସମସ୍ତଙ୍କ ପ୍ରିୟ ଅକ୍ଷୟ ମହାନ୍ତି ତାଙ୍କ କାଳଜୟୀ ସଂଗୀତ ପାଇଁ ସର୍ବଦା ସ୍ମରଣୀୟ। ଅକ୍ଷୟ ମହାନ୍ତିଙ୍କ କଣ୍ଠରେ ଏକ ଯାଦୁକରୀ ଥିଲା। ଯାହା ପ୍ରତ୍ୟେକ ସଂଗୀତକୁ ଜୀବନ୍ତ କରୁଥିଲା। ସେ ଥିଲେ ଓଡ଼ିଆ ଲଘୁସଂଗୀତର ଅପ୍ରତିଦ୍ୱନ୍ଦୀ ଦିଗ୍‌ଦର୍ଶକ। ଜନମାନସରେ ତାଙ୍କର ମଧୁର କଣ୍ଠସ୍ୱରର ସ୍ୱତନ୍ତ୍ରତା ଏପର୍ଯ୍ୟନ୍ତ ଅନ୍ୟ କାହା ପାଖରେ ଦେଖାଯାଇନାହିଁ। ୧୯୪୮ ମସିହାରେ ଆକାଶବାଣୀର ପ୍ରତିଷ୍ଠା

ଦିବସରେ ସ୍ୱର୍ଗତ ମହାନ୍ତି ଶିଶୁ କଣ୍ଠଶିଳ୍ପୀ ଭାବେ କଣ୍ଠଦାନ କରି ସଂଗୀତର ଯାତ୍ରା ଆରମ୍ଭ କରିଥିଲେ ।

ଜୀବନଦଶାରେ ସଂଗୀତକୁ ପେଶା କରି ସ୍ୱର୍ଗତ ମହାନ୍ତି ଯେଉଁ ଛାପ ଛାଡିଯାଇଛନ୍ତି, ତାହା ଅବିସ୍ମରଣୀୟ । ସାଲବେଗଙ୍କ ରଚନା ଏବଂ ଅକ୍ଷୟ ମହାନ୍ତିଙ୍କର କଣ୍ଠରେ, ଜଗନ୍ନାଥ ଜଣାଣ... କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ... ଓଡ଼ିଆ ଭଜନରେ ଏକ ନୂଆ ଧାରା ଆରମ୍ଭ କରିଥିଲା ।

**- V/O - Music**

ହେ ଫଗୁଣରେ ତୁମେ, ଉଦାସୀ ମନର କଥା ଏବଂ ରାଜା ଝିଅ ସାଙ୍ଗେ କରିଥିଲି ଭାବ, ଲଘୁ ସଂଗୀତର ଏକ ସ୍ୱତନ୍ତ୍ର ପରିଚୟ ଓଡ଼ିଆ ସଂଗୀତ ପ୍ରେମୀଙ୍କ ମନରେ ଖୁସିର ଲହରୀ ଆଣିଦେଇଥିଲା ।

**- V/O - Music**

ତାଙ୍କ ସଂଗୀତଗୁଡ଼ିକ ମଧ୍ୟରେ ଜୁକୁ ଜୁକୁ ସକାଳର ଗାଡ଼ି, ଜାତକ ପଡିଛି ରାଜଯୋଟକ, ଏଇନା ଏଇନା ଚିହ୍ନା, ବନ୍ଧୁରେ ଆଣିଦେ ଧରି ସୁନା ଇଲିସି ଭଳି ଗୀତି ପ୍ରଥମେ କଲିକତାସ୍ଥିତ ଗାଥାନୀ କମ୍ପାନୀ ରେକର୍ଡ କରି ବ୍ୟବସାୟିକ ରେକର୍ଡକୁ ବଜାରକୁ ଛାଡିଥିଲା । ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କର କଣ୍ଠରେ ଏବଂ ଶିବବ୍ରତ ଦାସଙ୍କ ରଚିତ ଯା ଯାରେ ଭାସି ଭାସିଯା ନଉକା ମୋରେ ଭାସିଯା ଯାହାର ସ୍ୱର ସଂଯୋଜନା ଏବଂ ଗାଇବାର ଶୈଳୀ ବର୍ତ୍ତମାନ ସମୟରେ ମଧ୍ୟ ପ୍ରାଣବନ୍ତ ହୋଇପାରିଛି ।

**- V/O - Music**

ମହାନଦୀର ବିସ୍ତାରିତ ବକ୍ଷରେ ନଉକା ବାହି ଯାଉଥିବା ନାଉରୀର ଚକ୍ଷୁ ଆଢୁଆଳରୁ ବର୍ତ୍ତିଯାଇନାହାଁନ୍ତି ନଈ ତୁଠରେ ସ୍ନାନ କରୁଥିବା ପଞ୍ଚକନ୍ୟା। ଓଡ଼ିଆ ସଂଗୀତରେ ସେ ଅନେକ ପରଖ ଓ ନୂଆ ଶବ୍ଦ ଆଣିଥିଲେ। ୧୨୯ଟି ଚଳଚ୍ଚିତ୍ରରେ କଣ୍ଠଦାନ, ୯୨ଟି ଗୀତ ରଚନା ଏବଂ ୭୫ଟି ଚଳଚ୍ଚିତ୍ରରେ ସଂ୍ଗୀତ ନିର୍ଦ୍ଦେଶନା ଦେଇ ଓଡ଼ିଆ ଚଳଚିତ୍ର ଇତିହାସରେ ଏକ ଅଭୁଲା ଛାପ ଛାଡ଼ିଯାଇଛନ୍ତି।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ଏହି ମହାନ କଳାକାରଙ୍କୁ ଶ୍ରଦ୍ଧାଞ୍ଜଳି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

Desk

# ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ନିକଟବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ  ଆସନ୍ତାକାଲି ସୁଦ୍ଧା ଏହା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ବଜ୍ରପାତ ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।